# Joint Press Release on India-EU Energy Panel Meeting

December 01, 2021

## ଭାରତ-ୟୁରୋପୀୟ ସଂଘ ଶକ୍ତି ପ୍ୟାନେଲ ବୈଠକ ଉପରେ ମିଳିତ ପ୍ରେସ ବିଜ୍ଞପ୍ତି

ଡିସେମ୍ବର 01, 2021

**ଭାରତ ଓ ୟୁରୋପୀୟ ସଂଘ ସେମାନଙ୍କର ସ୍ୱଚ୍ଛ ଶକ୍ତି ଓ ଜଳବାୟୁ ସହଭାଗିତାକୁ ବୃଦ୍ଧି କରିବେ**

ଡିସେମ୍ବର 1 ରେ ଭାରତ-ୟୁରୋପୀୟ ସଂଘ ଶକ୍ତି ପ୍ୟାନେଲ ବୈଠକ ହୋଇଯାଇଛି ଯେଉଁଥିରେ ଭାରତ ପକ୍ଷରୁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ, ଶକ୍ତି ମନ୍ତ୍ରଣାଳୟ, ନୂତନ ତଥା ନବୀକରଣଯୋଗ୍ୟ ଶକ୍ତି ମନ୍ତ୍ରଣାଳୟ ଏବଂ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ଏବଂ ୟୁରୋପୀୟ ସଂଘ ପକ୍ଷରୁ ୟୁରୋପୀୟ କମିଶନ ଅଧୀନସ୍ଥ ଶକ୍ତି ମହାନିର୍ଦ୍ଦେଶାଳୟ ଭାଗ ନେଇଥିଲେ ଏବଂ 2016 ଭାରତ-ୟୁରୋପୀୟ ସଂଘ ସ୍ୱଚ୍ଛ ଶକ୍ତି ଓ ଜଳବାୟୁ ସହଭାଗିତାକୁ କାର୍ଯ୍ୟକାରୀ କରିବା ପାଇଁ 2023 ପର୍ଯ୍ୟନ୍ତ ଏକ ବିସ୍ତୃତ କାର୍ଯ୍ୟକ୍ରମ ଉପରେ ମିଳିତ ଭାବରେ ସହମତ ହୋଇଥିଲେ।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସଚିବ (ପଶ୍ଚିମ) ଶ୍ରୀମତୀ ରୀନାତ୍ ସାନ୍ଧୁ ଏବଂ ୟୁରୋପୀୟ କମିଶନ ଅଧୀନସ୍ଥ ଶକ୍ତି ମହାନିର୍ଦ୍ଦେଶାଳୟର ଉପ-ମହାନିର୍ଦ୍ଦେଶକ ଶ୍ରୀମତୀ ମେଚଥିଲ୍ଡ ୱର୍ସଡରଫର ଶକ୍ତି ପ୍ୟାନେଲ ବୈଠକରେ ସହ-ଅଧ୍ୟକ୍ଷତା କରିଥିଲେ।

ପ୍ରାୟ ଶୂନ୍ୟ ଶକ୍ତି ଭବନ, କୋଠାଗୁଡ଼ିକ ପାଇଁ ସ୍ମାର୍ଟ ତତ୍ପରତା ସୂଚକାଙ୍କ ସମେତ ଶକ୍ତି ଦକ୍ଷତା; ଭାସମାନ ସୌର, ତାପଜ ସୌର ଏବଂ ଉପକୂଳ ପବନ ସମେତ ଅକ୍ଷୟ ଶକ୍ତି; ଆନ୍ତର୍ଜାତିକ ସୌର ମେଣ୍ଟ ମଧ୍ୟରେ ସହଯୋଗ; ସବୁଜ ହାଇଡ୍ରୋଜେନ; ସ୍ମାର୍ଟ ଗ୍ରୀଡ୍, ଷ୍ଟୋରେଜ୍, ପାୱାର୍ ମାର୍କେଟ୍ ଡିଜାଇନ୍, ଆନ୍ତଃସଂଯୋଗ, ଶୀତଳ ଶୃଙ୍ଖଳା ଏବଂ ସ୍ଥାୟୀ ଅର୍ଥ ପ୍ରଦାନ ସମେତ ଗ୍ରୀଡ୍ ଏକୀକରଣ ଆଦି କ୍ଷେତ୍ରରେ ବୈଷୟିକ ସହଯୋଗ ବୃଦ୍ଧି ପାଇଁ ଶକ୍ତି ପ୍ୟାନେଲ ରାଜି ହୋଇଛି। ଏହି ମଜବୁତ ସହଯୋଗ ଅଧୀନରେ ଭାରତ ଓ ୟୁରୋପୀୟ ସଂଘ ନୂତନ ଅଧ୍ୟୟନ, ଅଧ୍ୟୟନ ଯାତ୍ରା ଏବଂ ମିଳିତ କର୍ମଶାଳା ଆୟୋଜନ କରିବେ ତଥା ଏହି କ୍ଷେତ୍ରରେ ଜ୍ଞାନ ଆଦାନପ୍ରଦାନ କରିବେ। ଏହାଛଡା ଶକ୍ତି ପ୍ୟାନେଲ ମିଳିତ ଭାବରେ ନିମ୍ନଲିଖିତ କାର୍ଯ୍ୟକ୍ରମକୁ ଆୟୋଜନ କରିବାକୁ ରାଜି ହୋଇଛି:

- ଆସନ୍ତା ବର୍ଷର ପ୍ରଥମାର୍ଦ୍ଧରେ ଭାରତ-ୟୁରୋପୀୟ ସଂଘ ଉପକୂଳ ପବନ ବ୍ୟବସାୟ ଓ ପୁଞ୍ଜି ବିନିଯୋଗ ସମ୍ମିଳନୀରେ ୟୁରୋପୀୟ ଓ ଭାରତୀୟ କମ୍ପାନୀଗୁଡ଼ିକର ପ୍ରଦର୍ଶନୀ, ବି2ବି ସୁବିଧା ଏବଂ ଉପକୂଳ ପବନର ମୂଲ୍ୟ ହ୍ରାସ ଓ ଉପକୂଳ ପବନକୁ ଆର୍ଥିକ ସହାୟତା ପ୍ରଦାନ ଉପରେ ଅଧିବେଶନ।
- ସ୍ମାର୍ଟ ଗ୍ରୀଡ୍ ରେପ୍ଲିକେସନ ଉପରେ ଭାରତ-ୟୁରୋପୀୟ ସଂଘ ଉଚ୍ଚସ୍ତରୀୟ ପ୍ଲାଟଫର୍ମ ମାଧ୍ୟମରେ ଭାରତରେ ସ୍ମାର୍ଟ ଗ୍ରୀଡ୍ ପ୍ରକଳ୍ପଗୁଡିକର ରେପ୍ଲିକେସନ ଓ ବୃଦ୍ଧି ପାଇଁ ସମ୍ଭାବ୍ୟ ସୁଯୋଗ ଓ ପ୍ରତିବନ୍ଧକଗୁଡିକ ଚିହ୍ନଟ;
- ଅକ୍ଷୟ ଶକ୍ତିର ଅଧିକ ଭାଗ ସହିତ ଶକ୍ତି ପ୍ରଣାଳୀରେ ହାଇଡ୍ରୋଜେନର ଭୂମିକା ଉପରେ ସର୍ବୋତ୍ତମ କାର୍ଯ୍ୟ ପଦ୍ଧତି/ନୀତି ବିନିମୟ, ସ୍ୱଚ୍ଛ ହାଇଡ୍ରୋଜେନ ଉତ୍ପାଦନ ଓ ପ୍ରୟୋଗ ପ୍ରଯୁକ୍ତିବିଦ୍ୟାର ସ୍ଥିତି ଉପରେ ଆଲୋଚନା ଏବଂ ଭାରତ ଓ ୟୁରୋପୀୟ ସଂଘରେ ବର୍ତ୍ତମାନର ତଥା ଆଗାମୀ ହାଇଡ୍ରୋଜେନ ପ୍ରକଳ୍ପଗୁଡ଼ିକ ବିଷୟରେ ସୂଚନା ପ୍ରଦାନ ଉପରେ ଧ୍ୟାନ ଦେଇଥାଏ ଭାରତ-ୟୁରୋପୀୟ ସଂଘ ହାଇଡ୍ରୋଜେନ ଫୋରମ;

- ସ୍ୱଚ୍ଛ ଶକ୍ତି ପ୍ଲାଟଫର୍ମରେ ଭାରତ-ୟୁରୋପୀୟ ସଂଘ ଆର୍ଥିକ ବିନିଯୋଗ ଶକ୍ତି ଦକ୍ଷତା ଓ ଅକ୍ଷୟ ଶକ୍ତି କ୍ଷେତ୍ରରେ ନିବେଶକୁ ପ୍ରୋତ୍ସାହିତ କରିବାକୁ ଲକ୍ଷ୍ୟ ରଖିଛି।

**ଆନ୍ତର୍ଜାତିକ ସୌର ମେଣ୍ଟ ସହିତ ସହଯୋଗକୁ ବୃଦ୍ଧି କରିବା**

ପ୍ୟାନେଲ ଏହାକୁ ସ୍ୱାଗତ କରିଛି ଯେ ଅଧିକରୁ ଅଧିକ ୟୁରୋପୀୟ ସଂଘର ସଦସ୍ୟ ରାଷ୍ଟ୍ର ଆନ୍ତର୍ଜାତିକ ସୌର ମେଣ୍ଟରେ ଯୋଗ ଦେଉଛନ୍ତି। ଆନ୍ତର୍ଜାତିକ ସୌର ମେଣ୍ଟ ସହିତ ୟୁରୋପୀୟ ସଂଘ, ଏହାର ସଦସ୍ୟ ରାଷ୍ଟ୍ର ଓ ଏକାଡେମିକ, ବ୍ୟବସାୟ ଏବଂ ଆର୍ଥିକ ସମୁଦାୟର ଯୋଗଦାନକୁ ଆହୁରି ମଜବୁତ କରିବା ଲକ୍ଷ୍ୟ ନେଇ ୟୁରୋପୀୟ ସଂଘ ପ୍ରାୟ 1 ମିଲିୟନ ୟୁରୋ ପ୍ରକଳ୍ପ ପାଇଁ ଅର୍ଥ ପ୍ରଦାନ କରିଛି। ଆନ୍ତର୍ଜାତିକ ସୌର ମେଣ୍ଟ ପରିପ୍ରେକ୍ଷୀରେ ଭାରତ-ୟୁରୋପୀୟ ସଂଘ ସହଯୋଗକୁ ମଜବୁତ କରିବା ପାଇଁ ପ୍ୟାନେଲ ଅଧିକ ଉପାୟ ଅନୁସନ୍ଧାନ କରିବାକୁ ରାଜି ହୋଇଛି। ଏହି ପରିପ୍ରେକ୍ଷୀରେ ଭାରତ ଆନ୍ତର୍ଜାତିକ ସୌର ମେଣ୍ଟର 'ଏକ ସୂର୍ଯ୍ୟ, ଏକ ବିଶ୍ୱ, ଏକ ଗ୍ରୀଡ୍' ପ୍ରୟାସର ଗୁରୁତ୍ୱକୁ ଉଲ୍ଲେଖ କରିଛି।

ଭାରତ ଓ ଆନ୍ତର୍ଜାତିକ ଶକ୍ତି ଏଜେନ୍ସି ମଧ୍ୟରେ ଘନିଷ୍ଠ ସହଯୋଗ ପାଇଁ ୟୁରୋପୀୟ ସଂଘ ମଧ୍ୟ ସମର୍ଥନ ଜଣାଇଛି। ଜି20 ମଞ୍ଚରେ ସ୍ୱଚ୍ଛ ଶକ୍ତି ଉପରେ ଘନିଷ୍ଠତାର ସହିତ ବିନିମୟ କରିବାକୁ ଭାରତ ଓ ୟୁରୋପୀୟ ସଂଘ ମଧ୍ୟ ସହମତ ହୋଇଛନ୍ତି।

**ପୃଷ୍ଠଭୂମି: ସ୍ୱଚ୍ଛ ଶକ୍ତି ଓ ଜଳବାୟୁ ପରିବର୍ତ୍ତନକୁ ନେଇ କାର୍ଯ୍ୟ କ୍ଷେତ୍ରରେ ଭାରତ-ୟୁରୋପୀୟ ସଂଘ ମଧ୍ୟରେ ସହଯୋଗ**

ଜଳବାୟୁ ପରିବର୍ତ୍ତନକୁ ନେଇ କାର୍ଯ୍ୟ ତଥା ସୁଲଭ, ସ୍ୱଚ୍ଛ ଏବଂ ଶକ୍ତି ସୁରକ୍ଷା ସୁନିଶ୍ଚିତ କରିବା ନିମନ୍ତେ ଭାରତ ଓ ୟୁରୋପୀୟ ସଂଘ ଘନିଷ୍ଠ ଭାବରେ ସହଯୋଗ କରୁଛନ୍ତି, ଯାହା ଉଭୟ ପକ୍ଷ ପାଇଁ ଏକ କେନ୍ଦ୍ରୀୟ କ୍ଷେତ୍ର ଅଟେ। ସ୍ୱଚ୍ଛ ଶକ୍ତି ପରିବର୍ତ୍ତନ ଓ ପ୍ୟାରିସ ଚୁକ୍ତିନାମାର କାର୍ଯ୍ୟକାରିତା କ୍ଷେତ୍ରରେ ସହଯୋଗକୁ ସୁଦୃଢ କରିବା ଉଦ୍ଦେଶ୍ୟରେ ବର୍ତ୍ତମାନର ଭାରତ-ୟୁରୋପୀୟ ସଂଘର ଜଳବାୟୁ ଓ ଶକ୍ତି ସହଭାଗିତା 30 ମାର୍ଚ୍ଚ 2016 ରେ ଭାରତ-ୟୁରୋପୀୟ ସଂଘ ସମ୍ମିଳନୀରେ ସହମତି ହୋଇଥିବା ଭାରତ-ୟୁରୋପୀୟ ସଂଘ ସ୍ୱଚ୍ଛ ଶକ୍ତି ଓ ଜଳବାୟୁ ଭାଗିଦାରୀ ଭିତ୍ତିରେ ପରିଚାଳିତ ହେଉଛି। ଏହି ଭାଗିଦାରୀ 6 ଅକ୍ଟୋବର 2017 ରେ ଭାରତ-ୟୁରୋପୀୟ ସଂଘ ସମ୍ମିଳନୀର ମିଳିତ ବିବୃତ୍ତିରେ ଦୋହରାଯାଇଛି। ଏହି ମିଳିତ ବିବୃତ୍ତି ତଥା 15 ଜୁଲାଇ 2020 ରେ ଭାରତ-ୟୁରୋପୀୟ ସଂଘ ସମ୍ମିଳନୀରେ ସହମତି ମିଳିଥିବା ଭାରତ-ୟୁରୋପୀୟ ସଂଘ ରଣନୀତିକ ଭାଗିଦାରୀ: 2025 ପର୍ଯ୍ୟନ୍ତ ରୋଡମ୍ୟାପ ଏବଂ 8 ମଇ 2021 ରେ ଭାରତ-ୟୁରୋପୀୟ ସଂଘ ନେତୃବର୍ଗଙ୍କ ବୈଠକରେ ଗୃହୀତ ମିଳିତ ବିବୃତ୍ତି ମଧ୍ୟ ସ୍ୱଚ୍ଛ ଶକ୍ତି ଓ ଜଳବାୟୁ ସହଭାଗୀତା ଅଧୀନରେ ଦୃଢ ସହଯୋଗକୁ ସ୍ୱାଗତ କରିଛି।

**ନୂଆଦିଲ୍ଲୀ**

**ଡିସେମ୍ବର 01, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.